## ରସୁଲପୁରରେ ବୃଦ୍ଧା ମୃତ, ଆକ୍ରାନ୍ତଙ୍କ ସଂଖ୍ୟା ଶତକ ମୁହାଁ

**ରସୁଲପୁର,୨୫।୪(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଚଳିତ ମାସ ଆରମ୍ଭରେ ଏଠାରେ ପ୍ରଥମ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ମାସେ ନପୁରୁଣୁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଅଙ୍କ ଛୁଇଁବାକୁ ବସିଲାଣି। ରବିବାରସୁଦ୍ଧା ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୮୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ବହିରାଗତ ବୋଲି ଜଣାପଡ଼ିଛି। ବାହାରୁ ଆସିଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କ ଶନିବାର ମୃତ୍ୟୁ ହୋଇଛି। ସେ ବ୍ରହ୍ମବରଦା ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ମହିଳା ବୋଲି କୁହାଯାଉଛି। ୩ଦିନ ତଳେ ରାଉରକେଲାରୁ ଆସି ବରୁଆଁ ଅଞ୍ଚଳର ତାଙ୍କ ସମ୍ପର୍କୀୟଙ୍କ ଘରେ ଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଉକ୍ତ ରିପୋର୍ଟ ଅନୁଯାୟୀ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କ ତଥ୍ୟ ସଂଗ୍ରହ କରାଯାଇଛି। ଏହିକ୍ରମରେ ରବିବାର ପୁଣି ୧୩ ପିଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ମୃତ ମହିଳାଙ୍କ ନାମ ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୧୦ଜଣଙ୍କୁ ସଂଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଜଣେ କଟକ ବଡ ଡାକ୍ତରଖାନା ଓ ଅନ୍ୟଜଣେ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ

## ବର୍ଷାଜଳ ନିଷ୍କାସନକୁ ନେଇ ଗଣ୍ଡଗୋଳ ମାମଲାରେ ଜଣେ ମୃତ

**ରସୁଲପୁର,୨୫।୪(ଡି.ଏନ.ଏ.)**

ବର୍ଷାଜଳ ନିଷ୍କାସନକୁ ନେଇ ଧର୍ମଶାଳା ଥାନା ବ୍ରହ୍ମବରଦା ପଞ୍ଚାୟତ ଛେନାଖିଆ ପାଟଣା ଦଳିତ ସାହିରେ ଗତ ୨୨ତାରିଖରେ ବଳରାମ ସେଠୀ ଓ ବିଦ୍ୟାଧର ସେଠୀ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୬ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ୨ଗୁରୁତରଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଦ୍ୟାଧରଙ୍କ ସମ୍ପର୍କୀୟ ଭାଇ ଅମରନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହାପରେ ରବିବାର ବିଦ୍ୟାଧରଙ୍କ ପରିବାର ସଦସ୍ୟ ମୃତଦେହ ରଖି ବ୍ରହ୍ମବରଦା ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା ପ୍ରଦାନ ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଫାଣ୍ଡି ସମ୍ମୁଖରେ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବସି ରହିଥିଲେ। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ପହଞ୍ଚି ମୃତକ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭକାରୀ ଆନ୍ଦୋଳନରୁ ଓହରିଥିଲେ। ଏହି ଗଣ୍ଡଗୋଳ ନେଇ ଥାନାରେ ଦୁଇଟି ମାମଲା (ନଂ.୨୦୭/୨୧ ଓ ୨୦୮/୨୧) ରୁଜୁ ହୋଇଛି। ଉକ୍ତ ମାମଲାକୁ ଅତିରିକ୍ତ ଥାନା ଅଧିକାରୀ ଏସ୍. ଦଶରଥ ପାତ୍ର ତଦନ୍ତ କରୁଛନ୍ତି। ମାମଲାରେ ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରାଯାଇଛି। ମୃତ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ମହେଶ୍ୱର ସେଠୀଙ୍କ ଅଭିଯୋଗ ବଳରେ ୩ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।

ବଳରାମଙ୍କ ଛାତରେ ବର୍ଷାଜଳ ଜମିଥିଲା। ଉକ୍ତ ଜଳ କାଢ଼ିବାରୁ ତାହା ବିଦ୍ୟାଧରଙ୍କ ଘରେ ପଶିଥିଲା। ଏହାକୁ ବିଦ୍ୟାଧରଙ୍କ ପରିବାର ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା।


ମୃତକଙ୍କ ପରିବାର ଓ ଅନ୍ୟମାନେ ଫାଣ୍ଡି ଘେରାଉ କରିଛନ୍ତି।

# ଦିନକରେ ୩୨୪ ପଜିଟିଭ

## ରେଡ୍ ଜୋନ୍‌ରେ ଯାଜପୁର

**ଯାଜପୁର ଟାଉନ,୨୫।୪(ଡି.ଏନ.ଏ.)**

ଯାଜପୁର ଜିଲାରେ କରୋନାର ଭୟାବହ ରୂପ ଦେଖିବାକୁ ମିଳିଛି। ଶନିବାର ୩୨୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ରବିବାର ରିପୋର୍ଟ ପ୍ରକାଶ ପାଇଛି। ଏହାସହ ଜିଲା ରେଡ୍‌ଜୋନ୍ ତାଲିକାଭୁକ୍ତ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ୧୩,୮୯୪ ପିଜଟିଭ ଚିହ୍ନଟ ହୋଇଥିବା ବେଳେ ୧୨,୭୪୮ଜଣ ସୁସ୍ଥ ହୋଇ ଫେରିଛନ୍ତି। ସରକାରୀ ସୂତ୍ରରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ବେସରକାରୀ ଭାବେ ଅନେକ ଲୋକଙ୍କ ଜୀବନ ନେଲାଣି କରୋନା। ସୁକିନ୍ଦା ବ୍ଲକରୁ ସର୍ବାଧିକ ୯୩ ଚିହ୍ନଟ ହୋଇଥିବା ବେଳେ ଯାଜପୁର ବ୍ଲକ୍‌ରେ ୫୭, ବିଞ୍ଝାରପୁର ୩୦, ବରୀ ୧୮, ଦାନଗଦୀ ୧୫, ଧର୍ମଶାଳା ୨୬, ଦଶରଥପୁର ୨୩, କୋରେଇ ୩, ରସୁଲପୁର ୧୫, ବଡ଼ଚଣା ୧୧, ଯାଜପୁର ମ୍ୟୁନିସିପାଲିଟି ୩ ଓ ବ୍ୟାସନଗର ପୌରାଞ୍ଚଳରୁ ୧୩ଜଣ ଏବଂ ଅନ୍ୟାନ୍ୟ ୧୭ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଯୁବପିଢ଼ି ହୋଇଥିବା ବେଳେ ଯାଜପୁର ବ୍ଲକ୍ ଲଳିତେଶ୍ୱର ନଗରରେ ଜଣେ ୫ବର୍ଷ ବାଳକଙ୍କୁ ପଜିଟିଭ ଚିହ୍ନଟ କରାଯାଇଛି। ଧୀରେଧୀରେ ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଏପ୍ରିଲର ରବିବାରସୁଧା ୧୪୮୫ ପଜିଟିଭ ଚ୍ହିନଟ ହୋଇସାରିଲେଣି। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଦିନ ୧୨୦୦ ସ୍ୱାବ୍ ପରୀକ୍ଷା କରାଯାଉଛି। ଜିଲାରେ ଟାଟା କୋଭିଡ୍ ହସ୍‌ପିଟାଲ କାର୍ଯ୍ୟକ୍ଷମ ଥିବାବେଳେ ଯାଜପୁର ସହରର କୋଭିଡ୍ କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇନାହିଁ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଜଣେ ସିକ୍ୟୁରିଟିଗାର୍ଡ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ହେଉଥିବା କରୋନା ପଜିଟିଭ୍ ସ୍ଥାନଗୁଡ଼ିକରେ ଆଜି ସୁଦ୍ଧା କୌଣସି କଟକଣା (କଣ୍ଟେନ୍‌ମେଣ୍ଟ)କରାଯାଇନାହିଁ। ଫଳରେ ସାଧାରଣ ଲୋକେ ଏବେ ଭୟଭିତ ହୋଇପଡ଼ିଛନ୍ତି।

# ଦୁର୍ବୃତ୍ତ ଜାଳିଦେଲେ କାଜୁ ଜଙ୍ଗଲ


କାଜୁ ଜଙ୍ଗଲ ଜଳି ପାଉଁଶ ହୋଇଯାଇଛି।

**କାଳିଆପାଣି,୨୫।୪(ଡି.ଏନ.ଏ.)**

ସୁକିନ୍ଦା ବ୍ଲକ ଗାଁସୋଳ ପଞ୍ଚାୟତ କୋଲଡ଼ିହ ଗ୍ରାମରେ ଥିବା କାଜୁ ଜଙ୍ଗଲ ରବିବାର ଜଳିଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇଦେବାରୁ ଜଙ୍ଗଲରେ ଥିବା ଲକ୍ଷାଧିକ ଟଙ୍କାର ଗଛ ପାଉଁଶ ହୋଇଯାଇଛି। ଗାଁ ଲୋକେ ମିଳିତ ହୋଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପାରି ନ ଥିଲେ। ଖବର ପାଇ ସୁକିନ୍ଦା ଦମକଳବାହିନୀ କର୍ମଚାରୀ ପହଞ୍ଚି ଥିଲେ ମଧ୍ୟ ନିଆଁ ଲିଭାଇ ନ ଥିଲେ। ଏହାପରେ ଟାଟା କମ୍ପାନୀ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ୩୦୦ ଗଛ ନିଆଁ କବଳରୁ ରକ୍ଷା ପାଇଥିବା ଗ୍ରାମବାସୀ ପକାଶ କରିଛନ୍ତି। ସୁକିନ୍ଦା ଓ ଭୁବନ ବ୍ଲକ ସିମାନ୍ତ ମହୁଲଖାଲ (କୋଲଡ଼ିହ) ଗ୍ରାମରେ ଗ୍ରାମବାସୀ ୧ ହଜାର କାଜୁଗଛ ଲଗାଇଥିଲେ। ପୂର୍ବ ବର୍ଷ ଅଳ୍ପ କାଜୁ ଅମଳ ହୋଇଥିବା ବେଳେ ଚଳିତ ବର୍ଷ ପ୍ରତିଗଛରେ ଆନୁମାନିକ ୧ କୁଇଣ୍ଟାଲ କାଜୁ ଫଳିଥିଲା। ଗଛ ଜଳିଯାଇଥିବାରୁ ଗ୍ରାମବାସୀ ନିରାଶ ହୋଇ ପଡ଼ିଛନ୍ତି।

# ଗାଁରେ ଜମିଲାଣି ପ୍ରବାସୀଙ୍କ ଭିଡ଼

**ବିଞ୍ଝାରପୁର,୨୫।୪(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗାଁକୁ ମୁମ୍ବାଇ, ପୁଣେ, ଦିଲ୍ଲୀ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବିଭିନ୍ନ ସହରରୁ ପ୍ରତିଦିନ ଶହଶହ ପ୍ରବାସୀ ଫେରୁଛନ୍ତି। ହେଲେ ସେମାନଙ୍କ ଉପରେ ପ୍ରଶାସନର କୌଣସି କଟକଣା ନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରବାସୀ କୌଣସି କଟକଣାରେ ନ ରହି ଖୁଲମ୍‌ଖୁଲା ବୁଲୁଛନ୍ତି। ଯଦ୍ୱାରା ବ୍ଲକର ବିଭିନ୍ନ ଗାଁରେ କରୋନା ରୋଗ ବ୍ୟାପିବାସହ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସେମାନଙ୍କୁ ସଙ୍ଗରୋଧରେ ରଖିବାକୁ ଦାବି ହୋଇଛି।

ବ୍ଲକର ଶାସନ୍ଦା, ଅରେଇ, ଗୁହାଳୀ, ଘଣ୍ଟିଆଳି, କଏଣା–ରଘୁନାଥପୁର, ସୟଦପୁର, ବିଞ୍ଝାରପୁର, ମାଁସଡା, କଲ୍ୟାଣପୁର, କପିଳା, ଅଳକୁଣ୍ଡ, ପ୍ରୀତିପୁର, ଆଉଁରୀ, ରଣପୁର, ଜରୀ, ଓଲେଇଚନ୍ଦନପୁର, ଫତେପୁର, ଟିଣା, ବାଛୋଳ, ସିଂହପୁର, ବାଙ୍ଗରା ସମେତ ବ୍ଲକର ସମସ୍ତ ପଞ୍ଚାୟତକୁ ପ୍ରବାସୀ ଆସୁଛନ୍ତି। ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ସାମଲ, ରବିନାରାୟଣ ସାମଲ, ସାମାଜିକ କର୍ମୀ ସରୋଜ ସାହୁ ପ୍ରମୁଖଙ୍କ ଅଭିଯୋଗ ଅନୁସାରେ କରୋନାର ଦ୍ୱିତୀୟ ଲହର ବହୁ ମାରାତ୍ମକ। ତେଣୁ ପ୍ରଥମ ଲହରରେ ଆମେ ଯେତେ ସତର୍କ ବା ସଚେତନ ଥିଲୁ ବର୍ତ୍ତମାନ ତାହାଠାରୁ ଅଧିକ ସଚେତନତାର ଆବଶ୍ୟକତା ରହିଛି।

# ‘ବଡ଼ଚଣା ଐତିହ୍ୟ ପ୍ରତି ଖବରଦାତା ଧ୍ୟାନ ଦିଅନ୍ତୁ’


ବୈଠକରେ ଯୋଗ ଦେଇଥିବା ଖବରଦାତାମାନେ।

**ଚଣ୍ଡିଖୋଲ,୨୫।୪(ଡି.ଏନ.ଏ.)**

ବଡ଼ଚଣା ପ୍ରେସ୍ ଫୋରମ୍‌ର ଚତୁର୍ଥ ସାଧାରଣ ପରିଷଦ ବୈଠକ ରବିବାର ବଡ଼ଚଣା ବ୍ଲକ ଗଜେନ୍ଦ୍ରପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଫୋରମ୍‌ର ଆବାହକ ପ୍ରମୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଖବରଦାତା ମହେଶ୍ୱର ବଳ ଯୋଗଦେଇ ବଡ଼ଚଣା ସାମାଜିକ ଐତିହ୍ୟରେ ନୂଆକରି ବଡ଼ଚଣା ପ୍ରେସ୍ ଫୋରମ୍ ଯୋଡ଼ି ହୋଇ ଏକ ଇତିହାସ ସୃଷ୍ଟି କଲା ବୋଲି ମତ ଦେଇଥିଲେ। ଏହିଅବସରରେ ସେ ବଡ଼ଚଣାର ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଖବରଦାତା ଧ୍ୟାନ ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଆବାହକ ପ୍ରଦୀପ୍ତ ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନା କରିବା ସହ ବିବରଣୀ ପାଠ କରିଥିଲେ। ଅନ୍ୟତମ ବରିଷ୍ଠ ସଭ୍ୟ ଭକ୍ତଚରଣ ସାହୁ ଆସନ୍ତା ସାଧାରଣ ପରିଷଦ ବୈଠକରେ ଘରୋଇ ପ୍ରସାରଣ ନିମନ୍ତେ ଏକ ବୁଲେଟିନ୍ ପ୍ରକାଶ କରିବା ପାଇଁ ମତ ରଖିଥିଲେ। ପ୍ରତାପ କେଶରୀ ରାଉତରାୟ, ପ୍ରଭାସ ଚନ୍ଦ୍ର ଦାଶ, ବସନ୍ତ ପଲେଇ, କାର୍ତ୍ତିକ ଚନ୍ଦ୍ର ରାଉତ, ସୌମ୍ୟରଞ୍ଜନ ସାହୁ, ଉତ୍କଳକେଶରୀ ପ୍ରଧାନ, ମନମୋହନ ରାଉତ, ସତ୍ୟାନନ୍ଦ ମଲ୍ଲିକ, ଘନଶ୍ୟାମ ବିଶ୍ୱାଳ, ବ୍ରଜ ଗୋପାଳ ଦାସ, ତ୍ରୈଲୋକ୍ୟ ନାୟକ, ମନୋଜ ମହାନ୍ତି, ଏକାଦଶୀ ସେଠୀ ଓ ସଞ୍ଜିତ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରମୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩୫ ସଭ୍ୟ ସଂଗ୍ରହ ହୋଇଥିଲା।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ
କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୬ ଏପ୍ରିଲ, ୨୦୨୧

## ଜଗତ୍‌ସିଂହପୁରରେ ୭୩ ପଜିଟିଭ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି। ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରୁ ୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଜଗତ୍‌ସିଂହପୁର ବ୍ଲକରେ ସର୍ବାଧିକ ୨୦ଜଣ ରହିଛନ୍ତି। ବାଲିକୁଦା ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳରୁ ୧୦ ଜଣ ଲେଖାଏ, ଏରସମା ୯, ପାରାଦୀପ ପୌରାଞ୍ଚଳ ୭ ଜଣ ପଜିଟିଭ ରହିଛନ୍ତି। ସେହିପରି ବିରିଡ଼ି, କୁଜଙ୍ଗ, ନାଉଗାଁ, ଜଗତ୍‌ସିଂହପୁର ପୌରାଞ୍ଚଳରୁ ୪ ଜଣ ଲେଖାଏ ଓ ରଘୁନାଥପୁର ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୯,୮୭୪ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯,୩୧୨ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୃତ୍ୟୁ ସଂଖ୍ୟା ୩୮ ରହିଛି।



## ସଂକ୍ଷେପରେ

### ଚେଷ୍ଟା କଲେ ଜିଲା ମ୍ୟାଲେରିଆ ମୁକ୍ତ ହେବ

**ଜଗତ୍‌ସିଂହପୁର ଅଫିସ,୨୫।୪:** ଜଗତ୍‌ସିଂହପୁରରେ ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ରବିବାର ଭର୍ଚୁଆଲ ମାଧ୍ୟମରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ସେ କହିଥିଲେ, ସ୍ୱାସ୍ଥ୍ୟ ବିଭାଗ, ସମାଜ ମଙ୍ଗଳ, ପଞ୍ଚାୟତିରାଜ ଓ ପାନୀୟ ଜଳ, ନଗର ଉନ୍ନୟନ ବିଭାଗ, କର୍ପୋରେଟ୍ ସେକ୍ଟର, ଅନୁସୂଚିତ ଜନଜାତି ଓ ଜାତି ବିଭାଗଗୁଡିକ ଦାୟିତ୍ୱର ସହ କାମ କଲେ ଜଗତ୍‌ସିଂହପୁର ଜିଲା ମ୍ୟାଲେରିଆ ମୁକ୍ତ ହୋଇପାରିବ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟା ପଣ୍ଡା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ ଓ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ଅସିତ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରି ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଓ ପ୍ରତିକାର ଉପରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଜିଲାରେ ୨୦୨୦ରେ ୧୨ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ଶୂନ ରହିଛି।

### ୬ ଦୋକାନରୁ ଚୋରି

**କୁଜଙ୍ଗ,୨୫।୪(ଡି.ଏନ୍.ଏ.):** କୁଜଙ୍ଗ ଥାନା ପାଚିରିକୁ ଲାଗିଥିବା ଜେଆରୱାଇ ମାର୍କେଟ କମ୍ପ୍ଲେକ୍ସର ୪ଟି ଦୋକାନ, ଥାନା ସମ୍ମୁଖରେ ଥିବା ନୂଆ ମାର୍କେଟର ଏକ ଦୋକାନ ଓ କେନାଲ ନିକଟରେ ଥିବା ଏକ ସାଇକେଲ୍ ଦୋକାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଥାନା ପାଖରୁ ଏଭଳି ଚୋରି ହେବା ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଥାନାରେ ମାମଲା (ନଂ. ୧୪୩/୨୧)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ଥାନା ସମ୍ମୁଖ କେନାଲ ନିକଟରେ ଥିବା ବିଭୂତି ନାଥଙ୍କ ସାଇକେଲ ଦୋକାନର କ୍ୟାବିନ୍ ତାଡି ସେଠାରୁ ବିଭିନ୍ନ ଉପକରଣ ନେଇ ଯାଇଛନ୍ତି। ପରେ ସେମାନେ ଜେଆରୱାଇ ମାର୍କେଟରେ ଥିବା ରାକେଶ ଲେଙ୍କାଙ୍କ ମୋବାଇଲ ସେଣ୍ଟର ତାଲାଭାଙ୍ଗି ୯ ହଜାର ଟଙ୍କା, ସୁଶୀଲ ଦାସଙ୍କ ଭେରାଇଟି ଷ୍ଟୋରରୁ ୧୭ହଜାର ଟଙ୍କା, ଅନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଦେବାଶିଷ ସାମନ୍ତଙ୍କ ମୋବାଇଲ କେୟାର ସେଣ୍ଟର ତାଲା ଭାଙ୍ଗି ୧୨ହଜାର ଟଙ୍କାର ସାମଗ୍ରୀ ସମେତ ନଗଦ ୧୯, ୬୦୦ ଟଙ୍କା ଚୋରି କରି ନେଇଛନ୍ତି। ଅନୁରୂପ ଭାବେ ଶୁଭାଶିଷ ମିଶ୍ର ଓ ରମଣି ରଞ୍ଜନ ପରିଜାଙ୍କ ମୋବାଇଲ ଦୋକାନ ଓ ଥାନା ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସରେ ଥିବା ଜ୍ଞାନେନ୍ଦ୍ର ସାହୁଙ୍କ ମୋବାଇଲ କେୟାର ଶଟର ତାଲା ଭାଙ୍ଗିବାକୁ ଉଦ୍ୟମ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସିସିଟିଭି ଜରିଆରେ ଦୁର୍ବୃତ୍ତମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି ବୋଲି ଆଇଆଇସି ପାରାଓ ଟୁଡୁ କହିଛନ୍ତି। ପୂର୍ବରୁ ଥାନା ନିକଟରୁ ଚୋରି ହୋଇଥିଲେ ହେଁ ପୋଲିସ ଆଜି ପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ।

# ୧୧୪୭ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

- ଯୋଜନା ପ୍ରଣୟନରେ ପ୍ରଶାସନ ବିଫଳ
- କରୋନା ସଂକ୍ରମଣ କାଳରେ ଉପଯୋଗୀ ହୋଇଥାନ୍ତା

**କେନ୍ଦ୍ରାପଡା ଅଫିସ, ୨୫।୪**

ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନରେ ୧୯୭୫ରୁ ଅଙ୍ଗନୱାଡି କେନ୍ଦ୍ର ଯୋଜନା ଦେଶରେ ଆରମ୍ଭ ହୋଇଥିଲା। ଯୋଜନା ପ୍ରଣୟନକୁ ଇତିମଧ୍ୟରେ ୪୫ ବର୍ଷ ବିତିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ ଏହାର ଭିତ୍ତିଭୂମି ଚିନ୍ତାଜନକ ସ୍ଥିତିରେ ଅଛି। ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ୨ ନମ୍ବର ଅଙ୍ଗନୱାଡି କେନ୍ଦ୍ର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଲୁଗା ଘେରରେ ଚାଲୁଛି। ଯୋଜନା ପ୍ରଣୟନରେ ପ୍ରଶାସନର ଏଭଳି ବିଫଳତାରୁ ଜିଲାର ଅଧାରୁ ଅଧିକ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଅପପୁଷ୍ଟି ରୋକିବା, ଟିକାକରଣ, ନିକଟସ୍ଥ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ, ଶିଶୁଙ୍କୁ ପ୍ରାକ୍ ଶିକ୍ଷାଠାରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଥିବା ଏହି କେନ୍ଦ୍ର ଜନଜୀବନ ପାଇଁ ବେଶ୍ ଉପଯୋଗୀ। ତେବେ ନିଜସ୍ୱ କେନ୍ଦ୍ରର ଗୃହ ନିର୍ମାଣ ନ ହେବା ଫଳରେ ଯୋଜନା ପ୍ରଣୟନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇଥିଲେ କରୋନା ସଂକ୍ରମଣ ସମୟରେ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ର ପ୍ରତିଷ୍ଠାରେ ଅଧିକ ରାଜସ୍ୱ ଯାଇ ନ ଥାନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ମିଳିଥିବା ବିଭାଗୀୟ ତଥ୍ୟ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ୨୧୪୭ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୦୦୦ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ୭୨ଟି କେନ୍ଦ୍ର ନିର୍ମାଣ ସରିଥିଲେ ମଧ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ। କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ୧୬ଟି, ମହାକାଳପଡ଼ାର ୩୮ଟି ଓ ରାଜନଗର ବ୍ଲକର ୩୪ଟି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ପାଇଁ ଅଦ୍ୟାବଧି ମଞ୍ଜୁରୀ ମିଳିପାରିନାହିଁ। ଏପରିକି ନିଜସ୍ୱ କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିଲେ ମଧ୍ୟ ଆଳି ବ୍ଲକ ଅଞ୍ଚଳର ୨୦ଟି, ଡେରାବିଶର ୭ଟି, ଗରଦପୁରର ୪ଟି, କେନ୍ଦ୍ରାପଡ଼ାର ୩୩ଟି, ମହାକାଳପଡ଼ାର ୩୨ଟି, ମାର୍ଶାଘାଇର ୩ଟି, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୪୩ଟି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅନୁମତି ଦିଆଯାଇନାହିଁ। ସେହିପରି ୧୦୦୦ଟି ନିଜସ୍ୱ ଗୃହ ମଧ୍ୟରୁ ୩ଟି କେନ୍ଦ୍ରରେ ଅଦ୍ୟାବଧି ରୋଷେଇ ଘର ନିର୍ମାଣ ହୋଇ ନ ଥିବାବେଳେ ୩୩୧ କେନ୍ଦ୍ରରେ ଶୌଚାଳୟ ନାହିଁ। ୨୭୫ଟିରେ ପରିବା ବଗିଚା ନ ଥିବାବେଳେ ଏହି ୧୦୦୦ ଗୃହ ମଧ୍ୟରୁ ୯୫୫ଟି କେନ୍ଦ୍ରକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଜିଲାର ମୋଟ ୨୧୪୭ କେନ୍ଦ୍ର ଅଧୀନରେ ୯,୯୯୨ ଜଣ ଗର୍ଭବତୀ, ୧୦,୩୭୨ ଜଣ ପ୍ରସୂତି, ୧୦୯୩୩୭ ଜଣ ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ପୁଷ୍ଟିକର ଖାଦ୍ୟର ହିତାଧିକାରୀ ଅଛନ୍ତି। ଏହାବ୍ୟତୀତ ଟିକାକରଣ, ପ୍ରାଥମିକ ସ୍ୱାସ୍ଥ୍ୟ, ପ୍ରାକ୍ ଶିକ୍ଷା ଆଦି କାର୍ଯ୍ୟକ୍ରମ ଚାଲିଛି। ନିଜସ୍ୱ କେନ୍ଦ୍ରର ଗୃହ ଥିଲେ କରୋନା ସଂକ୍ରମଣ ସମୟରେ ଏହାର ଉପଯୋଗିତା ଅଧିକ ହୋଇଥାନ୍ତା ବୋଲି ସାମାଜିକ କର୍ମୀ ବାନାମ୍ବର ସାହୁ, ମୀର ଅବୁ ଓବେଦା, ପ୍ରତାପ କୁମାର ନାୟକ, ଲକ୍ଷ୍ମୀକାନ୍ତ ନାୟକ, ନିହାର ରଞ୍ଜନ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଗୃହ ନିର୍ମାଣ ଏବେ ପଞ୍ଚାୟତିରାଜ ବିଭାଗର ଗ୍ରାମ୍ୟ ଉନ୍ନୟନ ସଂସ୍ଥା କରୁଛି। ସମନ୍ୱିତ ଶିଶୁ ବିକାଶ ବିଭାଗରୁ ୨ଲକ୍ଷ ଟଙ୍କା ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରୁ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କା କେନ୍ଦ୍ରର ଗୃହ ନିର୍ମାଣରେ ବ୍ୟୟ ବରାଦ ହୋଇଛି। ଏହାସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଗୃହ ନିର୍ମାଣରେ ବିଳମ୍ବ କରୁଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରାଯାଉ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଉନ୍ନୟନ ଅଧିକାରୀ ଚିନ୍ମୟୀ ରଥ କହିଛନ୍ତି, ଜିଲାର ୧୪୨ଟି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ୫୨୩ଟି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣାଧୀନ ଅଛି। ଖୁବ୍‌ଶୀଘ୍ର ଅବଶିଷ୍ଟ କେନ୍ଦ୍ରର ନିର୍ମାଣ ଶେଷ ହେବ ବୋଲି ସେ ମତ ଦେଇଛନ୍ତି।



ମହାକାଳପଡ଼ାର ଏକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଶିଶୁମାନେ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ବସି ପଢୁଥିବାର ଦୃଶ୍ୟ।

# ଅନିଶ୍ଚିତତାରେ ନୀଳାଚଳ ଅକ୍ସିଜେନ ପ୍ଲାଣ୍ଟରୁ ଉତ୍ପାଦନ

**ଯାଜପୁର ଅଫିସ,୨୫।୪**



- ନିଜସ୍ୱ ପାୱାର ପ୍ଲାଣ୍ଟ ଅଚଳ
- ନିରନ୍ତର ବିଦ୍ୟୁତ୍ ସେବା ନ ମିଳିଲେ ଅକ୍ସିଜେନ ମିଳିବା ଅସମ୍ଭବ

କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଦେଶରେ ମେଡିକାଲ ଅକ୍ସିଜେନର ବହୁଳ ଚାହିଦା ରହିଛି। ଏହାର ଅଭାବରୁ ରୋଗୀମାନଙ୍କ ମୃତ୍ୟୁ ଘଟୁଥିବାରୁ ଦେଶରେ ହାହାକାର ପରିସ୍ଥିତି ରହିଛି। ଏହାକୁ ଦୃଷ୍ଟିରେ ରଖି ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍)ର ଅକ୍ସିଜେନ ପ୍ଲାଣ୍ଟକୁ ପୁନଃଚାଲୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ଅକ୍ସିଜେନ ପ୍ଲାଣ୍ଟକୁ ଚଳାଇବାକୁ ହେଲେ ଦୈନିକ ୧୨ ମେଗାୱାଟ୍ ନିରନ୍ତର ବିଦ୍ୟୁତ୍ ଶକ୍ତି ଆବଶ୍ୟକ। ଗତ ୧ ବର୍ଷ ହେଲା କାରଖାନା ବନ୍ଦ ଥିବାରୁ ନିଜସ୍ୱ ପାୱାର ପ୍ଲାଣ୍ଟ ମଧ୍ୟ ବନ୍ଦ ରହିଛି। ତେଣୁ ନେସ୍କୋ ପକ୍ଷରୁ ନିରନ୍ତର ଭାବେ ଉପରୋକ୍ତ କ୍ଷମତାର ବିଦ୍ୟୁତ୍ ଶକ୍ତି ସରବରାହର ଆବଶ୍ୟକତା ରହିଛି। ଥରେ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ହେଲେ ପୁଣି ଅକ୍ସିଜେନ ପ୍ଲାଣ୍ଟ ଚଳାଇବାକୁ ଅତିରିକ୍ତ ୫ ଦିନ ସମୟ ଲାଗିବ। ଏହି ପରିପ୍ରେକ୍ଷୀରେ ନିଜସ୍ୱ ପାୱାର ପ୍ଲାଣ୍ଟ ଚାଲୁ କରା ନ ଗଲେ ଅକ୍ସିଜେନ ଉତ୍ପାଦନ ବ୍ୟାହତ ହେବ ବୋଲି କର୍ମଚାରୀ ମହଲରେ ମତପ୍ରକାଶ ପାଇଛି। ତେଣୁ ପାୱାର ପ୍ଲାଣ୍ଟ ଚଳାଇବାକୁ ସରକାର ପଦକ୍ଷେପ ନେଲେ ଅକ୍ସିଜେନ ପ୍ଲାଣ୍ଟରୁ ଆବଶ୍ୟକ ଅମ୍ଳଜାନ ଉତ୍ପାଦନ ହୋଇ ପାରିବ ବୋଲି କର୍ମଚାରୀ ମହଲରେ ଦାବି ହୋଇଛି। ଅନ୍ୟପକ୍ଷେ ଯେଉଁ କର୍ମଚାରୀ ଓ ଅଧିକାରୀମାନେ ଏହି ପ୍ଲାଣ୍ଟର ପରିଚାଳନା କରିବେ ସେମାନେ ଗତ ୧ ବର୍ଷ ହେଲା ଦରମା ପାଇନାହାନ୍ତି। ପ୍ରାୟ ୧୫୦୦ କର୍ମଚାରୀ ଓ ଅଧିକାରୀଙ୍କ ଆର୍ଥିକ ଅବସ୍ଥା କରୋନାଠାରୁ ମଧ୍ୟ ଭୟଙ୍କର ହୋଇଛି। ବକେୟା ଦରମା ଦାବିରେ କର୍ମଚାରୀମାନେ ଗତ ୨୧ ତାରିଖରୁ ଦିବାରାତ୍ର ନୀଳାଚଳ ରେଲୱେ ଟ୍ରାକ ଉପରେ ଧାରଣାରେ ବସିଛନ୍ତି। ଫଳରେ ଲୋଡିଂ ରେକ୍ ୫ ଦିନ ହେଲା ଅଟକି ରହିଛି। ଏହି ଧାରଣାରେ ନୀଳାଚଳ ନିର୍ବାହୀ ସଂଘ, ସମସ୍ତ ୟୁନିୟନ ଓ ନୀଳାଚଳ ମିଳିତ ମଞ୍ଚ କର୍ମକର୍ତ୍ତାମାନେ ସାମିଲ ହୋଇଛନ୍ତି। ଦରମା ନ ଦେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କର୍ମଚାରୀମାନେ ଅଡ଼ି ବସିଛନ୍ତି। ତେଣୁ ନୀଳାଚଳ କାରଖାନାକୁ ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ କରାଗଲେ ସମସ୍ତେ ଉପକୃତ ହେବା ସହିତ ଅକ୍ସିଜେନ ଉତ୍ପାଦନ ସୁଚାରୁରୂପେ ସଫଳ ହୋଇପାରନ୍ତା ବୋଲି କର୍ମଚାରୀମାନେ ଦାବି କରିଛନ୍ତି।

# ଧର୍ମଶାଳା ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

**ଧର୍ମଶାଳା,୨୫।୪(ଡି.ଏନ.ଏ.)**

ମହାମାରୀ କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ବ୍ୟାପିବାରେ ଲାଗିଛି। ସଂକ୍ରମଣକୁ ପ୍ରତିହତ କରିବା ପାଇଁ କଟକଣାକୁ କଡାକଡି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଧର୍ମଶାଳା ପୋଲିସ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରବିବାର ଯାଞ୍ଚ କଡ଼ାକଡ଼ି କରାଯାଇଛି। ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଜାରକା ବଜାର, ଶାନ୍ତିବଜାର, ଧର୍ମଶାଳା ବଜାର, କାଏମା ବଜାର ଆଦି ସ୍ଥାନରେ ପୋଲିସ କର୍ମଚାରୀମାନେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କୁ ତାଗିଦ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ। ବଜାରରେ ଅଯଥା ଗହଳି ନକରିବାକୁ ଲୋକଙ୍କୁ ପରାମର୍ଶ ଦେବା ସହ ବ୍ୟବସାୟୀଙ୍କୁ କରୋନା କଟକଣା ସମ୍ପର୍କରେ ସଚେତନ କରାଇଥିଲେ।

# ବସ୍ତିବାସିନ୍ଦାଙ୍କ ବିରୋଧ, କାମ ବନ୍ଦ



ଜେସିବି ଲଗାଇ ନଦୀକୁ ପୋତାଯାଉଛି।

**ପାରାଦୀପ,୨୫।୪(ସ୍ୱ.ପ୍ର.)**

**ବଟନଦୀ ଉପରେ ରାସ୍ତା ନିର୍ମାଣ**

ପାରାଦୀପ ଉପକଣ୍ଠସ୍ଥିତ ବାଲିଝରା ବସ୍ତି ଓ ଉଦୟବିହାର ମଝିରେ ଥିବା ବଟନଦୀ ଉପରେ ରାସ୍ତା ନିର୍ମାଣକୁ ରବିବାର ବସ୍ତିବାସିନ୍ଦା ବିରୋଧ କରିବା ସହ କାମ ବନ୍ଦ କରିଛନ୍ତି। ସୋମବାର ଏ ନେଇ ସେମାନେ କୁଜଙ୍ଗ ତହସିଲଦାରଙ୍କୁ ଅଭିଯୋଗ କରିବେ ବୋଲି ବସ୍ତିର ଦୀପକ ସ୍ୱାଇଁ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବଟନଦୀ ଏବେ ସଙ୍କୁଚିତ ହୋଇଗଲାଣି। ଯେତିକି ଜଳପଥ ଅଛି, ସେହି ବାଟଦେଇ ବର୍ଷାଦିନେ ୫ଗାଁର ଉଦ୍‌ବୃତ୍ତ ପାଣି ନିଷ୍କାସନ ହେଉଛି। ମାତ୍ର କେତେଜଣ ବ୍ୟକ୍ତି ନଦୀକୁ ପୋତି ରାସ୍ତା ନିର୍ମାଣ କରୁଛନ୍ତି। ଶନିବାର ଓ ରବିବାର ଶଟ୍‌ଡାଉନ ଥିବା ବେଳେ ଲୋକଙ୍କ ଦୃଷ୍ଟି ଆଢୁଆଳରେ ଜେସିବି ଲଗାଇ ରାସ୍ତା କାମ ଚଳାଇଛନ୍ତି। ଏଥିପାଇଁ ପ୍ରଶାସନଠାରୁ କୌଣସି ସ୍ୱୀକୃତି ନିଆଯାଇନାହିଁ। ତିଆରି ହେଉଥିବା ରାସ୍ତା ନିକଟରେ ଏକ କମ୍ପାନୀର ଟାଉନଶିପ ହେବା ପାଇଁ ଯୋଜନା ରହିଛି। ନଦୀର ଜଳପଥ ଅବରୋଧ ହେଲେ ବର୍ଷାଦିନେ ୪ରୁ ୫ଟି ଗାଁ ଜଳାର୍ଣ୍ଣବ ହେବାର ଆଶଙ୍କା ରହିଛି। ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନିଆଁରେ ୫ ବଖରା ଜଳିଗଲା

**ବାଲିକୁଦା/ତିର୍ତ୍ତୋଲ,୨୫।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

ବାଲିକୁଦା ତହସିଲ ବାହାରଣା ପଞ୍ଚାୟତର ଓଳାଷ ଗାଁରେ ରବିବାର ଅପରାହ୍ନରେ ନିଆଁଲାଗି କୈଳାସ ସାହୁ, ନିରୋଦ ସାହୁ ଓ ଶୁକଦେବ ସାହୁଙ୍କ ଗୋଟିଏ ଲେଖାଏ ବଖରା ପୋଡିଯାଇଛି। ନିଆଁରେ ସେମାନଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ, ମୁଗ ଏବଂ ଗୋଖାଦ୍ୟ ଆଦି ପୋଡ଼ିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ପ୍ରଥମେ ନିରୋଦଙ୍କ ଘରେ ନିଆଁ ଲାଗି ଅନ୍ୟଆଡ଼େ ବ୍ୟାପୀ ଯାଇଥିଲା। ଖବରପାଇ ବାଲିକୁଦା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ସେହିପରି ତିର୍ତ୍ତୋଲ ବ୍ଲକ ଅଧୀନ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗ ଗାଁରେ ଅପରାହ୍ନରେ ନିଆଁ ଲାଗି ପ୍ରହ୍ଲାଦ ଦାସଙ୍କ ୨ବଖରା ପୋଡିଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର ପୋଡି ଯାଇଥିଲା। ପ୍ରଶାସନ ତୁରନ୍ତ ବିପନ୍ନ ପରିବାରଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

# ହିଙ୍ଗୁଳା ହାଇସ୍କୁଲ ସ୍କାଉଟ୍ ଗାଇଡ୍‌ଙ୍କ ଔଷଧୀୟ ଜଳଦାନ

**ଯାଜପୁର ରୋଡ,୨୫।୪(ଡି.ଏନ.ଏ.)**

କରୋଇ ବ୍ଲକ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍‌ମାନେ କରୋନା କଟକଣାକୁ ମାନି ଲୋକମାନଙ୍କୁ ଔଷଧୀୟ ଜଳ ଦାନ କରିଥିଲେ। ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଖମଣ ସରପଞ୍ଚ ସୁଶାନ୍ତ କୁମାର ସାହୁ ଉଦ୍‌ଘାଟନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିରିନା ମହାନ୍ତି ଉଦ୍‌ଯାପନ ଦିବସରେ ସାମିଲ ହୋଇଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ସାହୁ, ମୋ ସ୍କୁଲର ସଭାପତି ଦିଲୀପ କୁମାର ସାହୁ, ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ଘନଶ୍ୟାମ ନାୟକ, ଗାଇଡ୍ କ୍ୟାପଟେନ ସଂଯୁକ୍ତା ମହାପାତ୍ର, ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାଣି ପାଇଁ ମହିଳାଙ୍କ ଗୁହାରି

**ଆଳି,୨୫।୪(ଡି.ଏନ.ଏ.)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ତାତି ଅସହ୍ୟ ହେଉଛି। ଏହି ସମୟରେ ପାନୀୟ ଜଳ ସମସ୍ୟା ଆଳି ବ୍ଲକ କେତୁଆପାଳ ପଞ୍ଚାୟତରେ ୩ ନମ୍ବର ଓ୍ୱାର୍ଡରେ ଦେଖାଦେଇଛି। ଏହି ଓ୍ୱାର୍ଡରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାରର ୨ଶହରୁ ଅଧିକ ଲୋକ ବସବାସ କରୁଛନ୍ତି। କିନ୍ତୁ ଏହି ଓ୍ୱାର୍ଡରେ ମାତ୍ର ଗୋଟିଏ ନଳକୂପ ଥିବାରୁ ସେମାନେ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। କେରୋନା ମହାମାରୀ ସମୟରେ ଗୋଟିଏ ନଳକୂପ ନିକଟରେ ଲାଇନ ଲଗାଇ ପାଣି ଆଣିବାକୁ ପଡୁଛି। ଆଉ ଗୋଟେ ନଳକୂପ ମଞ୍ଜୁର ହୋଇଥିଲେ ସୁଦ୍ଧା ତାହା ବସା ଯାଉନାହିଁ। ରବିବାର ଗ୍ରାମର ରଶ୍ମିତା ସେଠୀ, କମଳା ସେଠୀ, କନକଲତା ସେଠୀ, ଛବି ସେଠୀ, ଭାରତୀ ସେଠୀ, ନାଳି ସେଠୀ, ଦମୟନ୍ତୀ ସେଠୀ, ସସ୍ମିତା ସେଠୀ, ରାଧା ସେଠୀ, ବିମଳା ସେଠୀ, ଗୁଲି ସେଠୀ, ଜମୁନା ସେଠୀ ପ୍ରମୁଖ ମହିଳାମାନେ ସରପଞ୍ଚ ରଶ୍ମିତା ଜେନାଙ୍କ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଗୁହାରି କରିଛନ୍ତି। ସରପଞ୍ଚ ଜେନା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଅଶୋକ ସାହୁଙ୍କୁ ପଚାରିବାରେ ୭ ମାସ ହେବ ସେଠାରେ ଏକ ନଳକୂପ ବସିବା ନିମନ୍ତେ ମଞ୍ଜୁର ହୋଇଛି। ହେଲେ ନଳକୂପ ବସାଉଥିବା ଶ୍ରମିକମାନେ ମଜୁରି ବୃଦ୍ଧି ଦାବିରେ ଆନ୍ଦୋଳନରେ ଥିଲେ। କିଛିଦିନ ହେବ ଏହାର ସମାଧାନ ହେବାପରେ ସେମାନେ ପୁନର୍ବାର କାର୍ଯ୍ୟରେ ଯୋଗ ଦେଲେଣି। ତେଣୁ ଖୁବ୍‌ଶୀଘ୍ର ନଳକୂପ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।



ମହିଳାମାନେ ସରପଞ୍ଚଙ୍କୁ ଭେଟି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ କହୁଛନ୍ତି।

# ରୋଗୀ ଦେଖୁଛନ୍ତି ଫାର୍ମାସିଷ୍ଟ

**ନାଉଗାଁ,୨୫।୪(ସ୍ୱ.ପ୍ର)**

ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତି ୨୫ ହଜାର ଜନସଂଖ୍ୟାଙ୍କୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ଲକ୍ଷେରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକରେ ରହିଛି ଡେରିକି ଓ ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନାଉଗାଁ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଦୁଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ରୋଗୀ ଦେଖନ୍ତି ତ କେତେବେଳେ ଆଟେଣ୍ଡାଣ୍ଟ ଏଠାରେ ରୋଗୀ ଦେଖିଥାନ୍ତି। କିନ୍ତୁ ବ୍ଲକର ସମସ୍ତ ଲୋକ ନିର୍ଭର କରୁଥିବା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ପରିବର୍ତ୍ତେ ଫାର୍ମାସିଷ୍ଟ ରବିବାର ରୋଗୀ ଦେଖୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କରୋନା ସମୟରେ ଡାକ୍ତରମାନେ ସବୁ ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ନିର୍ଦ୍ଦେଶ ଥିବା ବେଳେ ଏଠାରେ ତାହାକୁ କେହି ମାନୁନାହାନ୍ତି।

ବ୍ଲକର ୩ ଟି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୪ଜଣ ଡାକ୍ତରଙ୍କର ଆବଶ୍ୟକତା ରହିଛି। ସେଥି ମଧ୍ୟରୁ ୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତର ରହିବାର ନିୟମ ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଜଣ ଡାକ୍ତରଙ୍କର ଆବଶ୍ୟକତା ଅଛି। ତନ୍ମଧ୍ୟରୁ ଏଯାବତ ମାତ୍ର ୬ ଜଣ ଡାକ୍ତରଙ୍କୁ ନେଇ ୩ଟି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ବର୍ତ୍ତମାନ କରୋନାର ୨ୟ ଲହର ସଂକ୍ରମଣ ଆରମ୍ଭ ହୋଇଥିବା ବେଳେ ସାରା ରାଜ୍ୟରେ ଦ୍ରୁତଗତିରେ ସଂକ୍ରମଣ ବଢି ଚାଲିଛି। ଜନସାଧାରଣଙ୍କର କିଛି ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଲେ ଭୟଭୀତ ହୋଇ ଡାକ୍ତରଙ୍କର ପରାମର୍ଶ ଲୋଡୁଛନ୍ତି। କିନ୍ତୁ ରବିବାର ଛୁଟିଦିନ ଥିବା ବେଳେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ଆଉଟଡୋରରେ ରୋଗୀଙ୍କୁ ଦେଖୁଥିଲେ। ସରକାରଙ୍କ ନିୟମାନୁସାରେ, ଫାର୍ମାସିଷ୍ଟ ଔଷଧ ବିତରଣ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ରହିଛି। କାହା ନିର୍ଦ୍ଦେଶରେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକରୀ ଡା. ସୁନନ୍ଦନ ମହାନ୍ତିଙ୍କୁ ପଚାରିବାରେ– ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ ଡାକ୍ତର ଅଛନ୍ତି ସେମାନେ କିଏ ଆଉଟ ଡୋରରେ ରୋଗୀ ଦେଖିବେ ବସି ସ୍ଥିର କରିଥାନ୍ତି। ମୁଁ ଛୁଟିରେ ଅଛି। ରବିବାର କାହାର ଡ୍ୟୁଟି ଥିଲା ବୁଝିବି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟା ପଣ୍ଡାଙ୍କୁ ପଚାରିବାରେ ଫାର୍ମାସିଷ୍ଟ ରୋଗୀ ଦେଖିବା ବିଷୟରେ ଜାଣିନାହିଁ, ଆପଣଙ୍କଠାରୁ ଶୁଣୁଛି। ଏ ବିଷୟରେ ପଚାରି ବୁଝିବି। ଯଦି ସେଭଳି ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଡାକ୍ତର ଆସି ନ ଥିବାରୁ ଫାର୍ମାସିଷ୍ଟ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି।

**ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଡାକ୍ତର ଆସୁନାହାନ୍ତି

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୬ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ରଣପୁରରେ ୧୧ କରୋନା ପଜିଟିଭ ଚିହ୍ନଟ

**ନୟାଗଡ଼ ଅଫିସ,୨୫।୪**-ରବିବାର ରଣପୁରରେ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏ ସଂକ୍ରାନ୍ତରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବୈଦ୍ୟନାଥ ନନ୍ଦ ସୂଚନା ଦେଇଛନ୍ତି । ଚିହ୍ନଟ ହୋଇଥିବା ବ୍ୟକ୍ତିମାନେ ଲୋଧାଚୁଆ, ରଣପୁର ଶାମୁକା ସାହି, ମହତପଲ୍ଲା, ଭେରୁପଡା, ବଗଲ, ରଣପୁର ହରିଜନ ସାହିର ବୋଲି ଜଣାପଡିଛି । ରଣପୁର ଏନଏସିର ୩ ନମ୍ବର ୱାର୍ଡରୁ ଏକାଧିକ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଥିବାରୁ ସେହି ୱାର୍ଡ଼ ହରିଜନ ସାହିର ଦକ୍ଷିଣାଭାଗକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ରଣପୁର ତହସିଲଦାର ପତ୍ର ନଂ-୧୦୯୦ରେ ଘୋଷଣା କରିଛନ୍ତି। ଏହାପରେ ସେହି ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଉପରୋକ୍ତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ।

**ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା**

# ମରାମତି ପାଇଁ ଖର୍ଚ୍ଚ ହେଲାଣି ୨୦ ଲକ୍ଷ ଟଙ୍କା

**ବିପଦସଙ୍କୁଳ ଅବସ୍ଥାରେ ପାନ୍ଥଶାଳା**

- ତଥାପି ସ୍ଥିତି ସୁଧୁରୁନାହିଁ
- ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ଦାବି

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

ନିମ୍ନମାନର କାମ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ୨୪ ବର୍ଷ ହେବ ଅବହେଳିତ ଅବସ୍ଥାରେ ପଡିଥିବା କଣ୍ଟିଲୋ ପାନ୍ଥଶାଳା ଭାଙ୍ଗି ପଡ଼ିବାକୁ ବସିଛି । ଏହାପୂର୍ବରୁ ସେହି ପାନ୍ଥଶାଳାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ କଣ୍ଟିଲୋ ନୀଳମାଧବଙ୍କ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି । ଏକଦା ଏହି ପୀଠ ନୌବାଣିଜ୍ୟର ପେଣ୍ଠସ୍ଥଳୀ ଥିଲା । କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧ ଲାଭ କରିଥିଲା । ଏଥିପାଇଁ ପ୍ରତ୍ୟହ ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା । ଯାତ୍ରୀ ନିବାସଟିଏ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ୧୯୮୭ ଜୁନ ୭ରେ କଣ୍ଟିଲୋ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ୨୮.୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନ୍ଥଶାଳା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ମାତ୍ର ଶିଳାନ୍ୟାସ ସ୍ଥାନରେ ପାନ୍ଥଶାଳା ନିର୍ମାଣ କରାଯାଇ ନ ଥିଲା । ତା'ଠାରୁ ୨ କିଲୋମିଟର ଦୂର ପଥରଚକଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ୩.୩୮ ଏକର ପରିମିତ ଏକ ପାହାଡ଼ ଉପରେ ଏହି ପାନ୍ଥଶାଳା ନିର୍ମାଣ ଆରମ୍ଭ ହୋଇଥିଲା । ୧୦ ବର୍ଷ ପରେ ଅର୍ଥାତ୍ ୧୯୯୭ରେ ପାନ୍ଥଶାଳା ନିର୍ମାଣ ଶେଷ ହୋଇଥିଲା । କିନ୍ତୁ ୧ରୁ ୨ ବର୍ଷ ମଧ୍ୟରେ ପାନ୍ଥଶାଳା କାନ୍ଥରେ ଫାଟ ସୃଷ୍ଟି ହେବା ସହିତ ଛାତ ଦବି ଯାଇଥିଲା । ବିପଦସଙ୍କୁଳ ଗୃହକୁ ନ ଯିବାକୁ ଦାୟିତ୍ୱରେ ଥିବା କର୍ମଚାରୀ ବାରଣ କରିଥିଲେ । ନିର୍ମାଣର ୨୪ ବର୍ଷ ମଧ୍ୟରେ ପାନ୍ଥଶାଳାର ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲାଣି । ଇତିମଧ୍ୟରେ ପାନ୍ଥଶାଳାରେ ଥିବା ୧୬ ସେଟ୍ କାଠପଲଙ୍କ ସହ ଗଦି, ଡାଇନିଂ ଟେବୁଲ, ଚେୟାର, ଆଲଣା ଆଦିକୁ ବିଭାଗୀୟ କର୍ତ୍ତୃପକ୍ଷ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଅଭିଯୋଗ ହେଉଛି । ଏ ସବୁ ଉପକରଣ ଏବେ କେଉଁଠି ଓ କେଉଁ ଅବସ୍ଥାରେ ଅଛି ତାହା ତଦନ୍ତ ସାପେକ୍ଷ । ଏହି ପାନ୍ଥଶାଳାର ରକ୍ଷଣାବେକ୍ଷଣ ତଥା କାର୍ଯ୍ୟକ୍ଷମ ପାଇଁ ବିଭିନ୍ନ ସମୟରେ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ ହୋଇଛି । ତଥାପି ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।


ଭଗ୍ନ ଅବସ୍ଥାରେ ଥିବା କଣ୍ଟିଲୋ ପାନ୍ଥଶାଳା ।

# କାର୍ଯ୍ୟକ୍ଷମ ହେଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର

**ଅକ୍ସିଜେନ ଫିଲିଙ୍ଗ ଷ୍ଟେସନ ପରିଦର୍ଶନ କଲେ ଜିଲାପାଳ**


ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍/ଛତ୍ରପୁର, ୨୫।୪ (ଡି.ଏନ୍.ଏ.)**

ମହାନଗର ନିଗମ ବିଭାଗ (ବିଏମ୍‌ସି) ପକ୍ଷରୁ ସହରରେ ପ୍ରସ୍ତୁତ ହୋଇଥିବା କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନ କରିଛନ୍ତି। ମିନାକ୍ଷୀ ନଗରଠାରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ରବିବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏମ୍‌କେସିଜିଠାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେନ୍ଦ୍ର ଖୋଲାଯାଇଛି। ସେଠାରେ ଅକ୍ସିଜେନ୍ ବ୍ୟବସ୍ଥା ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଥିସହ ସିଟି ହସ୍ପିଟାଲ ସମ୍ପୂର୍ଣ୍ଣ ଭାବେ କୋଭିଡ୍ ହସ୍ପିଟାଲ ହେବ। ସେଠାରେ ଅଧିକ ୧୦୦ ଶଯ୍ୟା ବ୍ୟବସ୍ଥା କରାଯାଇଛି। ସିଟି ହସ୍ପିଟାଲ ଓପିଡ଼ି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବର୍ତ୍ତମାନ ଶଟ୍‌ଡ଼ାଉନ୍‌କୁ ସହରବାସୀଙ୍କ ପୂର୍ଣ୍ଣ ସମର୍ଥନ ମିଳିଛି। ଆଗାମୀ ଦିନରେ ଯଦି କୌଣସି ଜନଗହଳି ହୁଏ ତେବେ ଉକ୍ତ ସ୍ଥାନକୁ ମିନି କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯିବ ବୋଲି ଜିଲାପାଳ କହିଛନ୍ତି। ଭବିଷ୍ୟତରେ ଯେଭଳି ଅକ୍ସିଜେନ୍‌ର କୌଣସି ଅଭାବ ରହିବନି ସେ ନେଇ ଜିଲା ପ୍ରଶାସନ ପ୍ରସ୍ତୁତ ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି।

ବିଏମ୍‌ସି ପକ୍ଷରୁ ମୀନାକ୍ଷୀ ନଗର ସ୍ଥିତ ଏକ ଭଡ଼ା ଘରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲ୍‌ଥ କେୟାର ସେଣ୍ଟର, ବିଦ୍ୟୁତପୁରୀ କଲୋନୀଠାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର, ନୀଳକଣ୍ଠନଗରଠାରେ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର, ଆଇଟିଆଇ ଛାତ୍ରୀ ନିବାସରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହେଲ୍‌ଥ କେୟାର ସେଣ୍ଟର୍ ଓ ଇଞ୍ଜିନିୟରିଂ ସ୍କୁଲ ଛାତ୍ରାବାସରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର୍ ସେଣ୍ଟର ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ରବିବାର ଜିଲାପାଳ କୁଲାଙ୍ଗେ ଅକ୍ସିଜେନ ଫିଲିଙ୍ଗ ଷ୍ଟେଶନକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ଅକ୍ସିଜେନ ଯୋଗାଣ ସମ୍ପର୍କରେ ଅନୁଧ୍ୟାନ କରିବା ସହ ସମୀକ୍ଷା କରିଥିଲେ । ଅକ୍ସିଜେନ ଯୋଗାଣରେ କୌଣସି ସମସ୍ୟା ନ ଥିବା ଜିଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି ।

# ଭଞ୍ଜନଗର ଉପଖଣ୍ଡରେ ୨୯୮ ସଂକ୍ରମିତ

**ଭଞ୍ଜନଗର,୨୫।୪(ଡି.ଏନ.ଏ)**

ଦ୍ୱିତୀୟ ଲହରରେ ଭଞ୍ଜନଗର ଉପଖଣ୍ଡରେ ଏ ପର୍ଯ୍ୟନ୍ତ ୨୯୮ ଜଣ ସଂକ୍ରମିତ ହୋଇଥିବା ରବିବାର ସୂଚନା ମିଳିଛି। ତେବେ ସେଥିମଧ୍ୟରୁ ୧୦୮ ଜଣ ସୁସ୍ଥ ହୋଇଥିବା ବେଳେ ଶନିବାର ସୁଦ୍ଧା ୧୮୭ଜଣ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି । ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ଉପଖଣ୍ଡର ଆସିକା ବ୍ଲକ ଓ ଏନ୍‌ଏସିରେ ଶନିବାର ସୁଦ୍ଧା ସର୍ବାଧିକ ୯୫ ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୪୦ ଜଣ ସୁସ୍ଥ ହୋଇଛନ୍ତି। ୫୪ ଜଣ ସକ୍ରିୟ ରୋଗୀ ଅଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଭଞ୍ଜନଗର ବ୍ଲକ ଓ ଏନଏସିରେ ଶନିବାର ସୁଦ୍ଧା ୪୬ ଜଣ ସଂକ୍ରମିତ ହୋଇଛନ୍ତି। ସେଥିମଧ୍ୟରୁ ୧୩ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୩୨ଜଣ ସକ୍ରିୟ ରୋଗୀ ଅଛନ୍ତି। ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ବେଲଗୁଣ୍ଠାରେ ୨୭, ଧରାକୋଟରେ ୨୩, ଜଗନ୍ନାଥ ପ୍ରସାଦରେ ୧୫, ଶେରଗଡ଼ରେ ୧୧, ସୋରଡ଼ା ବ୍ଲକ ଓ ଏନଏସିରେ ୯ ଜଣ ଏବଂ ବୁଗୁଡ଼ାରେ ୧୬ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ବୁଗୁଡ଼ାରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସରକାରୀ ହିସାବରେ ଉପଖଣ୍ଡରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଦର୍ଶାଯାଇଥିଲେ ମଧ୍ୟ ବେସରକାରୀ ଭାବେ ତାହା ଅଧିକ ଥିବା ଆଶଙ୍କା କରାଯାଉଛି। ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡ଼ାଉନ ଚାଲିଥିବାରୁ ଦୋକାନ ବଜାର ବନ୍ଦ ଥିଲା। ରାସ୍ତା କଡ଼ରେ ବୁଲୁଥିବା ଭିକାରୀ, ମାନସିକ ବିକାରଗ୍ରସ୍ତ ଓ ଗରିବ ଲୋକଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଖାଦ୍ୟ ଯୋଗାଣର କୌଣସି ବ୍ୟବସ୍ଥା ହୋଇ ନ ଥିବା ବେଳେ ଭଞ୍ଜନଗର ସହରରେ ହେଲପିଙ୍ଗ୍ ହ୍ୟାଣ୍ଡ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ହେଲପିଙ୍ଗ ହ୍ୟାଣ୍ଡର ସଭ୍ୟ ଭବାନୀ ପାଳ, ପ୍ରଶାନ୍ତ ପ୍ରଧାନ ଓ ଟିଟୁ ବାହାଦୂର ଥାପା ଓ ଅନ୍ୟମାନେ ଖାଦ୍ୟ ବାଣ୍ଟିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶନିବାର ସନ୍ଧ୍ୟାରେ ଆସିକା କୋଭିଡ୍ ସ୍ୱାସ୍ଥ୍ୟସେବା କେନ୍ଦ୍ର ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ କରୋନା ମୁକାବିଲା ନେଇ ଆଲୋଚନା କରିଛନ୍ତି ।


ହେଲପିଙ୍ଗ୍ ହ୍ୟାଣ୍ଡ ପକ୍ଷରୁ ଅସହାୟଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି ।

## ୧୨ ଫୁଟର ଅହିରାଜ ଉଦ୍ଧାର



**ଟିକିଟି,୨୫।୪(ଡି.ଏନ୍.ଏ.)**

ଟିକିଟି ବ୍ଲକ ଚାନ୍ଦପୁର ଗ୍ରାମରେ ରବିବାର ୧୨ ଫୁଟ ଲମ୍ବର ଅହିରାଜକୁ ପାଟପୁର ସ୍ନେକ୍ ହେଲପ୍‌ଲାଇନ୍ ଉଦ୍ଧାର କରିଛି। ଚାନ୍ଦପୁର ଗ୍ରାମର ଆପନା ସାହୁଙ୍କ ଗାଧୋଇବା ଘରେ ଏକ ସାପ ରହିଥିଲା। ସେ ଗାଧେଇବାକୁ ଯାଉଥିବା ବେଳେ ସାପ ଦେଖି ନୂଆପଡା ବନବିଭାଗକୁ ଜଣାଇଥିଲେ। ସ୍ନେକ୍ ହେଲପ୍ ଲାଇନ୍ କର୍ମଚାରୀ ଏହାକୁ ଧରି କେରାଣ୍ଡିମାଳ ଜଙ୍ଗଲରେ ଛାଡିଦେଇଥିବା ପ୍ରକାଶ ।

# ୫୦ ବସ୍ତା ମହୁଲ ଜବତ

**କାଶୀନଗର, ୨୫।୪ (ଡି.ଏନ.ଏ.)**

ଗଜପତି ଜିଲା ଗୁମ୍ମାଠାରୁ ଗୁଣପୁର ଯାଉଥିବା ପିକ୍‌ଅପ୍ (ନଂ ଓଡି୨୦-୧୪୮୦)ରେ ମଦରନ୍ଧା ଲାଗି ଯାଉଥିବା ୫୦ ବସ୍ତା ମହୁଲ ପାରଳାଖେମୁଣ୍ଡି ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍ ରବିବାର ଜବତ କରିଛି। ଏହାକୁ ନେଇ ଯାଉଥିବା ଅଭିଯୁକ୍ତ ଜିନାଦି ଶବରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅବକାରୀ ବିଭାଗର କେସ୍ ନଂ. ୨୦/୨୧ରେ ମକଦ୍ଦମା ରୁଜୁ କରାଯାଇଛି।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ସଂଖ୍ୟା ୭୫୯୯ରେ ପହଞ୍ଚିଲା

**ନୟାଗଡ଼ ଅଫିସ,୨୫।୪:**ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ସ୍ଥିତି ବିଗିଡିବାରେ ଲାଗିଛି । ରବିବାର ୯୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୫୯୯ରେ ପହଞ୍ଚିଛି । ଜିଲା ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଡ଼ାକଡ଼ି କରାଯାଇଛି । ତେବେ କେତେଜଣ ଅମାନିଆ ଚିନ୍ତାର କାରଣ ପାଲଟିଛନ୍ତି । ସେମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ।

### ଲାଠିପଡ଼ା ଗୋଦାମରୁ ଗାଡ଼ି ଚୋରି

**ନୟାଗଡ଼ ଅଫିସ,୨୫।୪:**ନୟାଗଡ଼ ଜିଲା ଇଟାମାଟି ଥାନା ଲାଠିପଡ଼ା ସ୍ଥିତ ଅଚ୍ୟୁତ୍ ସିମେଣ୍ଟ ଓ ରଡ୍ ଗୋଦାମରୁ ଶନିବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଆର୨୫ ଏ୮୦୯୮) ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଶନିବାର ଲକ୍‌ଡାଉନ ଯୋଗୁ ଗୋଦାମ ବନ୍ଦ ଥିଲା । ରବିବାର ସକାଳୁ ମାଲିକ ବାଟି ସାହୁ ଗୋଦାମ ସମ୍ମୁଖରେ ରଖାଯାଇଥିବା ପିକ୍ ଅପ୍ ଭ୍ୟାନ୍ ନ ଥିବା ଦେଖିଥିଲେ । ଏ ସଂକ୍ରାନ୍ତରେ ସେ ଇଟାମାଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ପରିବେଶବିତ୍‌ଙ୍କ ପରଲୋକ

**ନୟାଗଡ଼ ଅଫିସ,୨୫।୪:** ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ମାଣିବନ୍ଧ ଗାଁର ପରିବେଶ୍‌ବିତ୍ ରଘୁନାଥ ମହାପାତ୍ର(୬୩)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି । ସେ ୨୦୨୦ରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିଲେ । ମାଣିବନ୍ଧ ଗାଁ ସଭାପତି ଭାବେ ୧୫ ବର୍ଷ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ । ତାଙ୍କ ମୃତ୍ୟୁରେ ଭାପୁର ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

### ବୋଲେରୋରେ ଆସୁଥିବା ମଦ ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୨୫।୪:** ନୟାଗଡ଼ ଜିଲାର ଚାନ୍ଦପୁର ଥାନା ପୋଲିସ ୪୩ ଲିଟର ବିଦେଶୀ ମଦ ସହ ଏକ ବୋଲେରୋ ଜବତ କରିଛି । ଉକ୍ତ ଗାଡ଼ିରେ ମଦ ଚାଲାଣ ହେଉଥିଲା । ଏହି ଘଟଣାରେ ପୋଲିସ ମୟୂରଝାଲିଆ ତନ୍ତିସାହିର ବିଜୟ କେଶରୀ ପ୍ରଧାନଙ୍କୁ ଗିରଫ କରିଛି । ଏନେଇ ଏକ ମାମଲା(ନଂ.୬୪/୨୧) ରୁଜୁ ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି ।

### ବୈଦ୍ୟଙ୍କ ଦେହାନ୍ତ

**ନୟାଗଡ଼ ଅଫିସ,୨୫।୪:**ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ଶାଳପଡ଼ା ଗାଁର ବୈଦ୍ୟ ମଦନ ସୁନ୍ଦର ଶତପଥୀଙ୍କ ରବିବାର ପରଲୋକ ହୋଇଯାଇଛି । ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଆଲୋକ ମୁଖାଗ୍ନି ଦେଇଥିଲେ। ନିଃସନ୍ତାନ ମହିଳାଙ୍କୁ ଚେରମୂଳି ଔଷଧ ଦେଇ ସନ୍ତାନବତୀ କରାଇବାରେ ସେ ବେଶ ନାଁ କରିଥିଲେ । ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ଦୁଇ ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ ।

# ୧୦ମାସରେ ୬ ବାଘଛାଲ ଜବତ

## ନୟାଗଡ଼, ଖୋର୍ଦ୍ଧା ବନଖଣ୍ଡ

**ନୟାଗଡ଼ ଅଫିସ,୨୫।୪**

ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡରେ ବନ ବିଭାଗ ସ୍ଥାଣୁ ପାଲଟିଛି । ବନ ବିଭାଗର କାମ ଏବେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ(ଏସ୍‌ଟିଏଫ୍) କରୁଛି । ତଥାପି ବନ ବିଭାଗର ନିଦ ଭାଙ୍ଗୁନାହିଁ। ଏସ୍‌ଟିଏଫ୍‌ର ୧୦ ମାସର କାର୍ଯ୍ୟକୁ ଅନୁଧ୍ୟାନ କଲେ ଏହା ପ୍ରମାଣିତ ହୋଇଛି। ଉଭୟ ବନଖଣ୍ଡରୁ ଏସ୍‌ଟିଏଫ୍ ଗତ ୧୦ ମାସ ମଧ୍ୟରେ ୬ ବାଘଛାଲ, ୨ ହାତୀଦାନ୍ତ ଜବତ କରିଛି । ବନ ବିଭାଗର ଅବହେଳା ଯୋଗୁ ବାଘ, ହାତୀ ଶିକାର ବଢ଼ିଛି। ଶିକାରୀ ଓ ବ୍ୟବସାୟୀମାନେ ମିଶି ବାଘଛାଲ ଓ ହାତୀଦାନ୍ତ ଅନ୍ୟ ଅଞ୍ଚଳକୁ ଚାଲାଣ କରିବାରେ ଲାଗିଛନ୍ତି। ଚଢ଼ାଉ ନ ଥିବାରୁ ଏହାର କୌଣସି ଖବର ଲୋକଲୋଚନକୁ ଆସିପାରୁନାହିଁ। ଏସ୍‌ଟିଏଫ୍ ପକ୍ଷରୁ ବାଘଛାଲ ଓ ହାତୀଦାନ୍ତ ଜବତ ହେବା ପରେ ଏହି ତଥ୍ୟ ସାମ୍ନାକୁ ଆସୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଓ ରଣପୁର ବନଖଣ୍ଡ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ଅବାଧରେ ଚାଲିଛି । ବିଭିନ୍ନ ସମୟରେ ବାଘଛାଲ ଓ ହାଡ, ହରିଣ ଛାଲ ଜବତ ହେଉଛି। ତଥାପି ବନ ବିଭାଗ ନିଜ କାର୍ଯ୍ୟକୁ ସମୀକ୍ଷା କରୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। କେତେଜଣ ବ୍ୟକ୍ତିଙ୍କ ମତରେ ଅଧିକାଂଶ ବନ ବିଭାଗ କର୍ମଚାରୀ ଶିକାର ସଂକ୍ରାନ୍ତରେ ଜାଣିଥିଲେ ମଧ ମୁହଁ ଖୋଲୁ ନାହାନ୍ତି । ସବୁ ଖବର ଏସ୍‌ଟିଏଫ୍‌କୁ ବି ମିଳୁନାହିଁ । ତଥାପି କିଛି ମାସ ହେଲା ବନ ବିଭାଗର ଅସଲ ମୁଖାକୁ ଏସ୍‌ଟିଏଫ୍ ପଦାରେ ପକାଇଛି। ଶନିବାର ଗଣିଆ ରେଞ୍ଜ ଗଣିଆ–ଛାମୁଣ୍ଡିଆ ରାସ୍ତାର ମହାନଦୀ ପଠା ମା'କଳାପାଟ ମନ୍ଦିର ନିକଟରୁ ଗୋଟିଏ କଳରାପତରିଆ ବାଘ ଛାଲ ସହ ୨ ହାତୀଦାନ୍ତ ଜବତ ହୋଇଛି । ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ସେହିପରି ଗତ ୨ ତାରିଖରେ ଖୋର୍ଦ୍ଧା ଜିଲା ବୋଲଗଡ଼ରୁ ନୟାଗଡ଼ର ୨ ବାଘଛାଲ ବ୍ୟବସାୟୀ ସୁଧୀର ବେହେରା ଓ ସୁବାସ ଚନ୍ଦ୍ର ବେହେରାଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା । ସେମାନଙ୍କ ପାଖରୁ ଗୋଟିଏ ବାଘଛାଲ ଜବତ ହୋଇଥିଲା। ଜବତ ବାଘଛାଲର ଦାମ ୧୦ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଟିଏଫ୍ କହିଛି। ସେହିପରି ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜର ଗିରିପୂଜା ଜଙ୍ଗଲରୁ ୨୦୨୦ ଜୁନ୍ ୬ ତାରିଖରେ ଏସ୍‌ଟିଏଫ୍ ୨ କଲରାପତରିଆ ବାଘଛାଲ ଓ ୨ ଚିତ୍ରା ହରିଣର ଚମଡା ଜବତ କରିଥିଲା । ଉଭୟ ଚମଡାର ଦାମ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଦଶପଲ୍ଲା ବ୍ଲକ ସାକେଣି ଗାଁର ପ୍ରତାପ ନାୟକ ଓ ଦେଢ଼ଶର ଗାଁର କିଶୋର ଚନ୍ଦ୍ର ଦେଉରୀ ନାମକ ଦୁଇ ବ୍ୟବସାୟୀ ସେ ସମୟରେ ଗିରଫ ହୋଇ ଜେଲ ଯାଇଥିଲେ । ପୁଣି ୨୦୨୦ଜୁନ ୧୩ରେ ୨ ବାଘଛାଲ ଓ ହାଡ ଜବତ ହୋଇଥିଲା । ବାଘଛାଲ ଓ ହାଡ ଖୋର୍ଦ୍ଧା ବନଖଣ୍ଡ ଜାମୁଗଣ୍ଡ ଗାଁର ବନ୍ଧମୁଣ୍ଡା ସମିତି ସଭ୍ୟ ଲକ୍ଷ୍ମୀଧର ନାୟକଙ୍କଠାରୁ ଜବତ ହୋଇଥିଲା । ବିଭିନ୍ନ ସମୟରେ ଦଶପଲ୍ଲା, ରଣପୁର, ଗଣିଆ ଓ ବୋଲଗଡ ଅଞ୍ଚଳରୁ ବାଘଛାଲ, ହାତୀଦାନ୍ତ ଜବତ ହେଉଛି। ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡରେ ଏହି ର୍‍ୟାକେଟ କାର୍ଯ୍ୟ କରୁଥିବା ପ୍ରମାଣିତ ହୋଇସାରିଛି । ଉଭୟ ବନଖଣ୍ଡର ଜଙ୍ଗଲରୁ ଜବତ ବାଘ ଛାଲର ସଂଖ୍ୟାକୁ ଅନୁଧ୍ୟାନ କଲେ ୬ ବାଘଙ୍କ ଜୀବନ ଗଲାଣି । ସରକାର ବନ ବିଭାଗର କାର୍ଯ୍ୟକୁ ଅନୁଧ୍ୟାନ ନ କଲେ ବନ୍ୟଜନ୍ତୁଙ୍କ ସଂଖ୍ୟା କମି ଚାଲିଥିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି ।

### ଟ୍ୟାଙ୍କରରେ ପାଣି ଯୋଗାଣ ଦାବି

**ଖଣ୍ଡପଡ଼ା,୨୫।୪ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍‌ର ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମକୁ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇଦେବା ପାଇଁ ଦାବି ହେଉଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଗ୍ରାମରେ ଥିବା ନଳକୂପରୁ ପାଣି ବାହାରୁନାହିଁ । ମହିଳାମାନେ ଖଣ୍ଡପଡ଼ା–କଣ୍ଟିଲୋ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏକ କୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। କରୋନା କଟକଣା ଯୋଗୁ ପଦାକୁ ବାହାରିବା ବନ୍ଦ ଥିଲେ ମଧ୍ୟ ପାନୀୟ ଜଳ ସଂଗ୍ରହ ନିମନ୍ତେ ମହିଳାମାନଙ୍କୁ ବାରମ୍ବାର ପଦାକୁ ଆସିବାକୁ ପଡୁଛି। ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗୋପୀନାଥପୁର ଗ୍ରାମବାସୀ ଦାବି କରିଛନ୍ତି । ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରପଞ୍ଚ ସୁଷମା ସ୍ୱାଇଁ ସୂଚନା ଦେଇଛନ୍ତି ।



କାଦୁଆ ଗତିଶ୍ୱର ମନ୍ଦିର ନିକଟ ଜଗନ୍ନାଥ ପୋଖରୀ।

# ପାଣି ପାଇଁ ପୋଖରୀ ଉପରେ ଭରସା

## କାଦୁଆ ଗ୍ରାମବାସୀଙ୍କ ଦୁଃଖ

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ବେଣାଗାଡ଼ିଆ ପଞ୍ଚାୟତ ଅଧୀନ କାଦୁଆ ଗାଁ । ଜନସଂଖ୍ୟା ୧୫ଶହରୁ ଊର୍ଦ୍ଧ୍ୱ । ଗ୍ରାମର ଉପକଣ୍ଠରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଓଭରହେଡ ପାଣିଟାଙ୍କି, ଇନ୍‌ଟେକୱେଲ ସହ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ମାତ୍ର ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ଇନ୍‌ଟେକୱେଲରେ ଜଳଧାରଣା କ୍ଷମତା ହ୍ରାସ ପାଇବାରେ ଲାଗିଛି । ଫଳରେ ପାଇପ ଲାଇନରେ ଗ୍ରାମବାସୀଙ୍କୁ ଆବଶ୍ୟକ ଜଳ ଯୋଗାଣ ସମ୍ଭବପର ହେଉ ନାହିଁ । ନଳକୂପରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି । ତଥାପି ଗ୍ରାମବାସୀ ସେହି ପାଣି ପିଇବାକୁ ବାଧ୍ୟ ହେଉଛନ୍ତି । ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଥିବା ଦଶମାଣ, ତଳସାହି ଓ ବ୍ରାହ୍ମଣ ସାହିର ୩ କୂଅ ଶୁଖିଲା ପଡିଛି । ଗ୍ରାମରେ ଥିବା ୨ ପୋଖରୀ ମଧ୍ୟରୁ ପଞ୍ଚାୟତ ଅଧୀନରେ ଥିବା ଭଗବାନ ସାଗର ପୋଖରୀ ଓ ଗତିଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ଜଗନ୍ନାଥ ପୋଖରୀ ଉପରେ ସମସ୍ତ ଗ୍ରାମବାସୀ ସ୍ନାନ ଶୌଚାଦି ପାଇଁ ନିର୍ଭର କରିଥାନ୍ତି । ଏହି ପୋଖରୀ ଗୃହପାଳିତ ପ୍ରାଣୀମାନଙ୍କର ବି ସାହାଭରସା ସାଜିଛି । ଉକ୍ତ ପୋଖରୀ ପାଣି ଏବେ ଶୁଖିଯାଇଛି । ତଥାପି ପଙ୍କକାଦୁଅ ପାଣିରେ ଆମେ ନିତ୍ୟକର୍ମ ସାରୁଛୁ ବୋଲି ଗ୍ରାମବାସୀ କହିଛନ୍ତି । ଉକ୍ତ ଗ୍ରାମକୁ ପାଣି ଯୋଗାଣର ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି ।

### ଗଜପତିରେ ପୁଣି ୭୮ ପଜିଟିଭ

**ପାରଳାଖେମୁଣ୍ଡି, ୨୫।୪ (ଡି.ଏନ୍.ଏ.)**

ଗଜପତି ଜିଲାରେ ପୁଣି ୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସୂଚନା ଦିଆଯାଇଛି। ସେଥିମଧ୍ୟରେ ପାରଳା ସହରରେ ସର୍ବାଧିକ ୩୮ ଜଣ, ଗୋଷାଣି ବ୍ଲକରେ ୭, ଗୁମ୍ମାରେ ୩, କାଶୀନଗର ବ୍ଲକରେ ୯, ମୋହନାରେ ୮, ନୂଆଗଡରେ ୩, ରାୟଗଡ଼ ବ୍ଲକରୁ ୩, ଆର୍. ଉଦୟଗିରିରୁ ୫ ଓ ଷ୍ଟେଟପୁଲ ୨ ଜଣ ଅଛନ୍ତି। ଶନିବାର ୭୮୮ ଜଣଙ୍କ କରୋନା ଟେଷ୍ଟ କରାଯାଇଥିଲା ବୋଲି ସୂଚନା ମିଳିଛି। ନୂଆ ଆକ୍ରାନ୍ତଙ୍କ ମିଶାଇ ଜିଲାରେ ଏ ପର୍ଯ୍ୟନ୍ତ ୪୬୯୨ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୧୫୦ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ପ୍ରାୟ ୫୪୨ ଜଣ ସକ୍ରିୟ ରୋଗୀ ଚିକିତ୍ସାଧିନ ଓ ସଙ୍ଗରୋଧରେ ରହିଛନ୍ତି । ଅନ୍ୟପଟେ ସହରାଞ୍ଚଳରେ ସପ୍ତାହନ୍ତ ଶଟ୍‌ଡାଉନର ଦ୍ୱିତୀୟ ଦିନରେ ମଧ ପାରଳାଖେମୁଣ୍ଡି ଓ କାଶୀନଗର ଖାଁ ଖାଁ ରହିଥିଲା। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ସାଙ୍ଗକୁ ପ୍ରତ୍ୟେକ ଛକରେ ପୋଲିସ ଜଗି ରହିଥିଲା। କେହି ଅମାନିଆ ବିନା କାରଣରେ ବାହାରେ ବୁଲୁଥିବା ନଜର ଆସିଲେ ପୋଲିସ ଅଟକାଇ ପଚରାଉଚୁରା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖାଯାଇଥିଲା। ଶର୍ଟଡାଉନରେ କେବଳ ଜରୁରୀ ସେବାରେ ନିୟୋଜିତ କର୍ମଚାରୀଙ୍କୁ ଅନୁମତି ପ୍ରଦାନ କରାଯାଇଛି।

# ଧନୁ ଭଗ୍ନ ପାଇଁ ଶ୍ରୀରାମଙ୍କ ଗଙ୍ଗାପାର



ଶ୍ରୀରଘୁନାଥ ଜୀଉଙ୍କ ଗଙ୍ଗାପାର ବେଶ।

**ଓଡ଼ଗାଁ,୨୫।୪ (ସ୍ୱ.ପ୍ର.)**

ରବିବାର ଓଡ଼ଗାଁର ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ରବିବାର ୪ର୍ଥ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ରଙ୍କ ସହିତ ପୁରାଣ ବର୍ଣ୍ଣିତ ଜନକପୁରୀ ଗମନ କରିଛନ୍ତି । ପ୍ରଭୁଙ୍କ ଅହଲ୍ୟା ଉଦ୍ଧାରଣ ପରେ ଗଙ୍ଗାପାର ହୋଇଥିଲେ । ହେଲେ ପ୍ରଭୁ ଗଙ୍ଗାପାର ନିମନ୍ତେ ଯାଉଥିବା ବେଳେ ବିଜ୍ଞାନୀ କୈବର୍ତ୍ତ ପ୍ରଭୁଙ୍କୁ ପଦଧୌତ ବିନା ଡଙ୍ଗାରେ ବସାଇବାକୁ ଅମଙ୍ଗ ହୋଇଛନ୍ତି । କାଳେ ପାଷାଣୀ ଅହଲ୍ୟା ପରି ତାଙ୍କ ନୌକା ନାରୀ ପାଲଟିଯିବ, ସେ ନିଜର କୌଳିକ ବେଉସା ହରାଇବେ ସେହି ଚିନ୍ତା ତାଙ୍କୁ ଘାରିଛି । କୈବର୍ତ୍ତଙ୍କ ସର୍ତ୍ତ ଅନୁସାରେ ପ୍ରଭୁ ପଦଧୌତ ପାଇଁ ପଦଯୁଗଳ ବଢ଼ାଇ ଦେଇଥିଲେ । କୈବର୍ତ୍ତ ପ୍ରଭୁଙ୍କ ପଦଧୌତ କରି ପୂର୍ବଜନ୍ମର ଫଳପ୍ରାପ୍ତି କରି ପରମ ସନ୍ତୋଷ ଲାଭ କରିଥିଲେ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ରୂପାୟିତ ହୋଇଥିବା ଏ ଦୃଶ୍ୟ ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା । ଗଙ୍ଗାପାର ପରେ ସୋମବାର ପ୍ରଭୁଙ୍କ ବହୁ ପ୍ରତୀକ୍ଷିତ ଧନୁ ଭଗ୍ନ ବା ସୀତା ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ହେଲେ ଚଳିତ ବର୍ଷ ସୀତା ବିବାହ ସମାରୋହ ବିନା ଭକ୍ତରେ ହେବ । ସେବାୟତ ଓ କାର୍ଯ୍ୟକାରୀ ଅଧିକାରୀଙ୍କ ମଧ୍ୟରେ ତାହା ସୀମିତ ରହିବ ବୋଲି ସୂଚନା ମିଳିଛି ।

# ମହିଳାମାନେ ଗରା, ବାଲ୍‌ଟି ଧରି ରାସ୍ତାକୁ ଓହ୍ଲାଇଲେ

**ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ପଞ୍ଚାୟତର ରତ୍ନପୁର ବାସିନ୍ଦା ଆବଶ୍ୟକ ପାଣି ପାଉ ନ ଥିବାରୁ ଶନିବାର ମହିଳାମାନେ ରାସ୍ତା ଉପରେ ଗରା, ବାଲଟି ଧରି ଆନ୍ଦୋଳନ କରିଥିଲେ । ଗ୍ରାମରେ ଥିବା ଷ୍ଟାଣ୍ଡପୋଷ୍ଟରୁ ଆବଶ୍ୟକ ପାଣି ମିଳୁନାହିଁ । ମହିଳାମାନେ ପାନୀୟ ଜଳ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ଜଳଉତ୍ସ ଉପରେ ନିର୍ଭର କରୁଛନ୍ତି । ସେଥିପାଇଁ ବହୁ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ଏଥିପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଛନ୍ତି । ପଞ୍ଚାୟତ କର୍ତ୍ତୃପକ୍ଷ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପରେ ମହିଳାମାନେ ଆନ୍ଦୋଳନରୁ ଓହରି ଯାଇଥିବା ଜଣାଯାଇଛି । ତେବେ ଗ୍ରୀଷ୍ମ ପ୍ରବାହ ସମୟରେ ଇନ୍‌ଟେକ୍ ୱେଲରୁ ଜଳପତନ ହ୍ରାସ ପାଇବା ଯୋଗୁ ଆବଶ୍ୟକ ପାଣି ଉପଲବ୍ଧ ହେଉ ନାହିଁ । ଅନ୍ୟପକ୍ଷେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ଜଳ ଯୋଗାଣରେ ବାଧାପ୍ରାପ୍ତ ହୋଇଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି ।



ମହିଳାମାନେ ରାସ୍ତାରେ ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

# ଶନି, ରବିବାର ବଜାର ବନ୍ଦ

**ଦାରିଙ୍ଗବାଡ଼ି,୨୫।୪(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ବଣିକ ସଂଘ ପକ୍ଷରୁ ଆସନ୍ତା ମାସରୁ ପ୍ରତି ଶନିବାର ଓ ରବିବାର ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ଅରୁଣ ସାହୁ ଏକ ପ୍ରେସ ଇସ୍ତାହାରରେ ଏହା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ କରାଯାଉଛି । ଏହାର ପ୍ରଭାବରେ ଗ୍ରାମାଞ୍ଚଳରେ ମଧ ଭିଡ଼ ରହୁନି । ତେଣୁ ପହିଲାରୁ ଶନିବାର ଏବଂ ରବିବାର ଦାରିଙ୍ଗବାଡ଼ି ବଜାର ବନ୍ଦ କରାଯିବା ପାଇଁ ବଣିକ ସଂଘ ନିଷ୍ପତ୍ତି ନେଇଥିବା ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନକୁ ଜଣାଇ ଦିଆଯାଇଛି । ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ବଜାର ବନ୍ଦ ସମୟରେ ଲୋକେ ନିଜ ଘରେ ରହି ସୁରକ୍ଷିତ ରୁହନ୍ତୁ ବୋଲି ବଣିକ ସଂଘର ସଭାପତି ସାହୁ କହିଛନ୍ତି। ସେହିପରି ଦାରିଙ୍ଗବାଡ଼ିକୁ ପଲିଥିନମୁକ୍ତ କରିବା ପାଇଁ ସ୍ଥାନୀୟ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ କେହି ପଲିଥିନ ବ୍ୟବହାର ଓ ବିକ୍ରି ନ କରିବାକୁ ସଭାପତି ସାହୁ ସମସ୍ତ ସଂଘର ସଦସ୍ୟମାନଙ୍କୁ ଜଣାଇଛନ୍ତି । ଯେଉଁ ବ୍ୟବସାୟୀ ପଲିଥିନ ବ୍ୟବହାର କରୁଥିବା ଧରାପଡ଼ିବେ ତାଙ୍କୁ ପ୍ରଥମେ ୫ ହଜାର ଏବଂ ଦ୍ୱିତୀୟ ଥର ଧରାପଡ଼ିଲେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ ବୋଲି ତହସିଲଦାର ଶୁଣାଇଥିବା ସଭାପତି ସଂଘ ସଦସ୍ୟଙ୍କୁ ଜଣାଇଛନ୍ତି ।

# ଖଣ୍ଡପଡ଼ାରେ ଶଟ୍‌ଡାଉନ, ରାସ୍ତାଘାଟ ଶୂନ୍‌ଶାନ

**ଖଣ୍ଡପଡ଼ା,୨୫।୪ (ସ୍ୱ.ପ୍ର.)**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶନାମାକୁ ଖଣ୍ଡପଡ଼ା ସହରାଞ୍ଚଳରେ କଡ଼ାକଡ଼ି ଭାବେ ପାଳନ କରାଯାଇଛି। ସପ୍ତାହାନ୍ତ ବନ୍ଦ ନିଷ୍ପତ୍ତି ଅନୁଯାୟୀ ଖଣ୍ଡପଡ଼ା ସହରର ବ୍ୟବସାୟ ପ୍ରତିଷ୍ଠାନଗୁଡିକ ସଂପୂର୍ଣ୍ଣ ବନ୍ଦ ରହିଥିଲାନ୍। କେବଳ ଔଷଧ ଦୋକାନ ଖୋଲା ରହିଥିଲା। ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନ୍‌ଶାନ ରହିଥିଲା । ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କାର୍ଯ୍ୟ ଚାଲିଛି । ଏଣେତେଣେ ବୁଲୁଥିବା ଅମାନିଆଙ୍କୁ ସାବାଡ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଏପରି କି ଖଣ୍ଡପଡ଼ା ସହରାଞ୍ଚଳର ଗଳିକନ୍ଦିରେ ଲୁଚାଛପାରେ ଚାଲିଥିବା ଜଳଖିଆ, ଚା ଦୋକାନକୁ ପୋଲିସ ପକ୍ଷରୁ ବନ୍ଦ କରାଯାଉଛି । କେବଳ ଜରୁରିକାଳୀନ ସେବାଗୁଡ଼ିକ ଉପଲବ୍ଧ ହୋଇଥିଲା । ସେହିପରି ବନ୍ଦର ପ୍ରଭାବ କଣ୍ଟିଲୋ, ବାହାଡା ଓ ଖଳିସାହି ବଜାର ଉପରେ ପଡିଥିଲା ।



ଶଟ୍‌ଡାଉନ୍ ଯୋଗୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଛି।

# ମୁହଁ ଖୋଲିଲେ ଦୁଇ ଅପହୃତ

- ଜୀବନ ପ୍ରତି ବିପଦ ଥିବାରୁ ପଳାଇ ଯାଉଥିଲୁ
- ଜଙ୍ଗଲ ରାସ୍ତାରୁ ମାରପିଟ କରି ଅପହରଣ କଲେ

**ନୟାଗଡ଼ ଅଫିସ,୨୫।୪**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଜାକେଡା ଗାଁରେ ସରକାରୀ ଜମିରେ ଥିବା ଆମ୍ବ, କାଜୁ ବଗିଚା ନିଲାମ ଅର୍ଥକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ରବିବାର ଥମିଛି। ଅପହରଣ କରାଯାଇଥିବା ୨ ବ୍ୟକ୍ତିଙ୍କୁ ଛାଡିଦେଲା ପରେ ପରିସ୍ଥିତି ଶାନ୍ତ ପଡ଼ିଛି । ସେଠାରେ ପୋଲିସ ମୁତୟନ କରାଯାଇଛି । ଗାଁକୁ ପୁରୁଷ ଲୋକମାନେ ଫେରିଛନ୍ତି । ପୋଲିସ ପକ୍ଷରୁ ୩୮ଜଣଙ୍କ ବିରୋଧରେ ମାମଲା (ନଂ.୫୪/୨୧) ରୁଜୁ କରାଯାଇଛି । ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଛି ।

ଅନ୍ୟପକ୍ଷେ ଅପହରଣ ହୋଇଥିବା ଗ୍ରାମରକ୍ଷୀ ବୁଦ୍ଧିବାମନ ନାୟକ ଓରଫ ବିଚି (୪୭) ଓ ମଣିଆ ନାୟକ(୨୮) ଗାଁକୁ ଫେରିବା ପରେ ମୁହଁ ଖୋଲିଛନ୍ତି। ବିଚି କହିଛନ୍ତି, ଶୁକ୍ରବାର ରାତିରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଗାଁରେ ସଭା ବସିଥିଲା । ଏଥିରେ ନିଷ୍ପତ୍ତି ହୋଇଥିଲା ଗାଁର କୋଠ ଟଙ୍କାରେ ଅନ୍ୟ ଗୋଷ୍ଠୀକୁ ଭାଗ ଦିଆଯିବ ନାହିଁ । ଏପରିକି ମୋତେ ଅପହରଣ କରି ମାର୍‌ପିଟ କରିବାକୁ ଯୋଜନା କରାଯାଇଥିଲା । ଗାଁର ବିଭିନ୍ନ ଅଞ୍ଚଳରେ ସେମାନେ ଠେଙ୍ଗାବାଡି ଓ ମାରଣାସ୍ତ୍ର ଧରି ବୁଲୁଥିଲେ । ଏହି ଖବର ପାଇବା ପରେ ଜୀବନ ବଞ୍ଚାଇବା ପାଇଁ ମୁଁ ମାଣିଆଙ୍କୁ ଧରି ଜଙ୍ଗଲିଆ ରାସ୍ତାରେ ପଳାଇ ଯାଉଥିଲି । ହେଲେ ଆମକୁ ୪୦ରୁ ଊର୍ଦ୍ଧ୍ୱ ଲୋକ କାବୁକରି ମାରପିଟ୍ କଲେ । ଏଥିରେ ଆମେ ଦୁହେଁ ଆହତ ହୋଇଛୁ । ପରେ ଆମକୁ ରତ୍ନମାଳା ଜଙ୍ଗଲରେ ଲୁଚାଇ ରଖିଲେ । ଧୀରେ ଧୀରେ ଗହଳି କମିଥିଲା । ଆମକୁ ଗାଁର ରବି ପ୍ରଧାନ, ରବି ନାୟକ, ଭିକା ଗୁରୁ, ବୁଲୁ ଦଳବେହେରା ଓ ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଜଙ୍ଗଲରେ ସନ୍ଧ୍ୟା ପର୍ଯ୍ୟନ୍ତ ଜଗି ରହିଥିଲେ । ଦ୍ୱିପ୍ରହରରେ ଚୁଡା ଖାଇବାକୁ ଦେଇଥିଲେ । ଗାଁରେ ରହିବାକୁ ହେଲେ କୋଠରୁ ଭାଗ ନେବାର ଆଶା ଛାଡି ଦିଅ ବୋଲି ସେମାନେ ବାରମ୍ବାର କହିଥିଲେ। ପୁଣି ଅପହରଣ ଓ ଏହି ବିବାଦ ନେଇ ଥାନା, ଫାଣ୍ଡିରେ ଅଭିଯୋଗ କରିବ ନାହିଁ ବୋଲି କହିଥିଲେ । ଭଦ୍ରଲୋକ ଯାହା କହିବେ ମାନିନେବ । ନ ମାନିଲେ ପରିସ୍ଥିତି ଭଲ ହେବ ନାହିଁ ବୋଲି ଚେତାବନୀ ବି ଦେଇଥିଲେ । ସରପଞ୍ଚଙ୍କ ସ୍ୱାମୀଙ୍କ ମାଧ୍ୟମରେ ଭଦ୍ରଲୋକ ଉପସ୍ଥିତିରେ ଆମକୁ ଅପହରଣର ୨୦ ଘଣ୍ଟା ପରେ ଛାଡିଥିଲେ । ଏଥିରେ ପୋଲିସର ଭୂମିକା କିଛି ନ ଥିଲା । ଗାଁ କୋଠକୁ ଆମ୍ବ ଓ କାଜୁ ନିଲାମରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବର୍ଷକୁ ମିଳୁଛି। ପୁଣି ଶାଳ, ଶାଗୁଆନ କାଠ ନିଲାମ ପରେ ଅଧିକ ଅର୍ଥ ଆସୁଛି । ସବୁ ସରକାରୀ ଜମିର ଅର୍ଥକୁ ଗାଁର ଗୋଟିଏ ଗୋଷ୍ଠୀ କୋଠ ସମ୍ପତ୍ତି କରିଥିଲେ ମଧ୍ୟ ଅନ୍ୟ ଗୋଷ୍ଠୀକୁ ଭାଗ ଦେବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସେ କହିଛନ୍ତି ।